## କରୁଣା ଶବ୍ଦର ବିଭାନ୍ତିକର ଅର୍ଥ

ତା.୨୦୦୨.୨୦୧୪

**ଅରୁଣ ଜେଟଲୀ ବିରୋଧୀ ଦଳର ନେତା, ରାଜ୍ୟସଭା**

ଏହି ବିଗତ କିଛି ଦଶନ୍ଧି ହେବ କିଛି ଦେଶ ଫାଶି ଦଣ୍ଡାଦେଶକୁ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରିବା ପାଇଁ ଚେଷ୍ଟିତ । କିଛି ବ୍ୟକ୍ତି ମଧ୍ୟ ଏହି ଯୁକ୍ତିର ସପକ୍ଷବାଦୀ ଅଟନ୍ତି । ବିଗତ ୩୦ ବର୍ଷ ହେବ ଭୟଂକର ଆତଙ୍କବାଦକୁ ଦେଖି ମୋର ମନ ଏହାର ବିରୋଧରେ ଆନ୍ଦୋଳିତ ହୋଇଉଠିଛି । ଯେଉଁ ଦେଶ ଏହି ଭୟଂକର ଆତଙ୍କବାଦକୁ ସାମ୍ନା କରୁଅଛି ସେହି ଦେଶର ଜନତା ଫାଶି ଦଣ୍ଡାଦେଶକୁ ବିରୋଧ କରିବା କେତେ ଯୁକ୍ତି ସଙ୍ଗତ ? ଏପରିକି ମାନ୍ୟବର ସୁପ୍ରିମ କୋର୍ଟ ମଧ୍ୟ ଫାଶି ଦଣ୍ଡାଦେଶକୁ କୋହଳ କରି କ୍ୱଚିତରୁ କ୍ୱଚିତ ଘଟଣାରେ ଫାଶି ଦଣ୍ଡାଦେଶ ଶୁଣାଉଛନ୍ତି ।

ଯେତେବେଳେ ମାନ୍ୟବର ସୁପ୍ରିମ କୋର୍ଟ କ୍ୱଚିତ ରୁ କ୍ୱଚିତ ଘଟଣାକୁ ଫାଶି ଦଣ୍ଡାଦେଶରେ ପରିଣତ କରୁଛି ତାହା ବହୁତ ବିଳମ୍ବରେ କରାଯାଉଅଛି । ଏହି ବିଳମ୍ବିତ ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟ ବିଭିନ୍ନ ପ୍ରକାରର ପିଟିସନ ମାଧ୍ୟମରେ ମୃତ୍ୟୁ ଦଣ୍ଡାଦେଶକୁ କୋହଳ କରିବା ପାଇଁ ଯଥେଷ୍ଟ ସମୟ ମଧ୍ୟ ମିଳୁଅଛି । ବହୁତ ଘଟଣାରେ ଦେଖା ଦେଉଛି ଫାଶି ଦଣ୍ଡାଦେଶ ପାଉଥିବା ଆସାମୀମାନେ ମଧ୍ୟ ଛାଡ଼ ପାଉଛନ୍ତି । ବର୍ତ୍ତମାନ ନିକଟରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧିଙ୍କର ହତ୍ୟାକାରୀମାନେ ମଧ୍ୟ ଏହି କୋହଳ ମନୋଭାବ ଯୋଗୁଁ ଛାଡ଼ ପାଇଛନ୍ତି । ଜଣେ ପୂର୍ବତନ ପ୍ରଧାନ ମନ୍ତ୍ରୀଙ୍କର ହତ୍ୟା କରିବା ପରେ ଫାଶି ଦଣ୍ଡାଦେଶରୁ ମୁକ୍ତି ପାଇବା ଏକ ବିସ୍ମୟକର ପରିସ୍ଥିତି ସୃଷ୍ଟି କରିଅଛି । ଯେଉଁମାନେ ଏଭଳି ଘୃଣ୍ୟ କାମ କରିଛନ୍ତି ସେମାନଙ୍କୁ କୌଣସି ରାଜନୈତିକ ଦଳ ମଧ୍ୟ କ୍ଷମା କରିବା ଅନୁଚିତ । ଏହା ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ । ଆତଙ୍କବାଦ ଏକ ପ୍ରକାରର ଦେଶ ବିରୁଦ୍ଧରେ ଯୁଦ୍ଧ ଅଟେ । ଏହା ପାଇଁ କଠୋର ଦଣ୍ଡାଦେଶ ରହିବା ଉଚିତ ।